ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨ ଜୁଲାଇ ୨୦୨୩



## ତେଲ କଡ଼େଇରେ ପଡ଼ି ଶିଶୁ ଆହତ

ଢେଙ୍କାନାଳ, ୧୭(ରତନ ନାୟାର)-ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଅନ୍ତର୍ଗତ କେରଜୋଳି ପଞ୍ଚାୟତ ମୁଣ୍ଡାସାହିର ଅଶୋକ ନାୟକଙ୍କ ଦେଢ଼ବର୍ଷର ପୁଅ ଅର୍ଦ୍ଧେନ୍ଦୁ ଶନିବାର ଗରମ ତେଲ କଡ଼େଇରେ ବସିପଡ଼ିବାରୁ ଆହତ ହୋଇଛନ୍ତି। ତାଙ୍କ ଶରୀରର ୨୦ ପ୍ରତିଶତ ପୋଡ଼ିଯାଇଛି। କାମାକ୍ଷାନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଅବସର ନେଲେ ବାଲିମୀ ଥାନାଧିକାରୀ



ସାତମାଇଲ, ୧୭(ସୁଶାନ୍ତ ପତି): ହିନ୍ଦୋଳ ବ୍ଲକ ବାଲିମୀ ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏସ୍‌ଡିପିଓ ଦୀପକ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାସୋଳ ଥାନାଧିକାରୀ ବିଜୟ କୁମାର ହାଇବ୍ରୁ, ହିନ୍ଦୋଳ ଥାନାଧିକାରୀ ଚାରୁଲତା ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ସେହିପରି ହାବିଲଦାର୍ ଧ୍ରୁବଚରଣ ସାହୁଙ୍କୁ ମଧ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# ଦନ୍ତା ଦେଉଛନ୍ତି ଦୁଃଖ

କେତେବେଳେ ଗୋଠରେ ରହୁଛନ୍ତି ତ ଆଉ କେବେ ପଲରୁ ଅଲଗା ହୋଇ ନିର୍ଭୟରେ ବୁଲୁଛନ୍ତି। ଏକୁଟିଆ ବୁଲିବା ବେଳେ ଅଧିକ ହିଂସ୍ର ଆଚରଣ ପ୍ରଦର୍ଶନ କରୁଛନ୍ତି। ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଏଭଳି ୫୪ ଦନ୍ତା ଉପଦ୍ରବ ସୃଷ୍ଟି କରି ଚାଲିଛନ୍ତି। ଗତ ଦେଢ଼ ମାସରେ ସେମାନଙ୍କ ଆକ୍ରମଣରେ ୧୬ ଜୀବନ ଯାଇଥିବାବେଳେ ଉପଦ୍ରୁତ ଅଞ୍ଚଳରେ ଅଣାୟତ୍ତ ହେଲାଣି ଆଇନଶୃଙ୍ଖଳା ସ୍ଥିତି।

■ଜିଲାରେ ଉପଦ୍ରବ ଚଳାଇଛନ୍ତି ୫୪ ଦନ୍ତା

■ଦେଢ଼ ମାସରେ ଗଲାଣି ୧୬ ଜୀବନ

ଢେଙ୍କାନାଳ, ୧୭(ରତନ ନାୟାର)

ଢେଙ୍କାନାଳ ଜିଲାରେ ହାତୀ-ମଣିଷ ସଂଘର୍ଷ ରୋକିବା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ବିଶେଷ କରି ଗୋଠଛଡ଼ା ଦନ୍ତାଙ୍କ ହିଂସ୍ର ଆଚରଣ ହାତୀ ଉପଦ୍ରୁତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ପଲରୁ ଅଲଗା ହୋଇ ବୁଲୁଥିବା ଅଣ୍ଡିରା ହାତୀଙ୍କୁ ଜଙ୍ଗଲ ମୁହାଁ କରାଇବାକୁ ଯାଇ ବନ ବିଭାଗ ନୟାନ୍ତ ହୋଇପଡ଼ିଲାଣି। ଆଗକୁ ଖରିଫ୍ ଋତୁ ଥିବାବେଳେ ଏଭଳି ହାତୀ ଆତଙ୍କ ଚାଷୀଙ୍କ ଚିନ୍ତା ବଢ଼ାଇଛି।

ଢେଙ୍କାନାଳ ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଏବେ ୨୪୦ ହାତୀ ରହିଛନ୍ତି। ତନ୍ମଧ୍ୟରୁ କେବଳ ଦନ୍ତା ହେଉଛନ୍ତି ୫୪। ସେଥିରୁ ହିନ୍ଦୋଳ ରେଞ୍ଜରେ ସର୍ବାଧିକ ୧୯ ଏବଂ ଏହା ପଛକୁ ସଦର ରେଞ୍ଜରେ ୧୬ଟି ଦନ୍ତା ବିଚରଣ କରୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଚାଲି ଆସିଥିବା ହାତୀପଲ ଫେରୁନାହାନ୍ତି। ବ୍ୟସ୍ତବହୁଳ ଗ୍ରାମ ସଡ଼କ ପାର୍ଶ୍ୱରେ ଦନ୍ତାହାତୀ ଡେରା ପକାଇ ରହୁଛନ୍ତି। ହଠାତ୍ ରାସ୍ତା ଉପରକୁ ଚାଲି ଆସି ପଥଚାରୀଙ୍କୁ ଆକ୍ରମଣ କରୁଛନ୍ତି। ସେମାନଙ୍କ ହିଂସ୍ର ଆଚରଣ ବଢ଼ିବାରେ ଲାଗିଛି, ଯାହା ଏବେ ଚିନ୍ତାର ବିଷୟ ହୋଇଛି। ଗତ ଦେଢ଼ମାସରେ କେବଳ ଦନ୍ତା ଆକ୍ରମଣରେ ୧୬ଜଣଙ୍କ ମୃତ୍ୟୁ ଘଟିଛି। କାଜୁ ଏବଂ ଆମ୍ବ ସଂଗ୍ରହ କରିବାକୁ ଯାଇଥିବା ବେଳେ ୮ରୁ ୯ଜଣଙ୍କୁ ହାତୀ ଦଳିଦେଇଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି। କାଜୁ ବଗିଚାରେ ହାତୀ ଉପସ୍ଥିତି ସହଜରେ ଜଣାପଡ଼ି ନ ଥାଏ। ତେଣୁ ସେଠାରେ ଜୀବନ ପ୍ରତି ଅଧିକ ବିପଦ ରହିଥାଏ। ସେହିପରି ସନ୍ଧ୍ୟା ୭ଟାରୁ ରାତି ୧୨ ଏବଂ ଭୋର୍ ୪ଟାରୁ ସକାଳ ୮ଟା ମଧ୍ୟରେ ହାତୀ ଆକ୍ରମଣ ଆଶଙ୍କା ବେଶି ରହୁଛି। ଏଭଳି ସମୟରେ ଅଧିକ ସତର୍କତା ଅବଲମ୍ବନ କରିବା ଲାଗି

## ଚାଲିଛି ପ୍ରୋଫାଇଲ ସଂଗ୍ରହ

ଢେଙ୍କାନାଳ, ଅନୁଗୋଳ, ଆଠମଲ୍ଲିକ, ସାତକୋଶିଆ ଏବଂ ଆଠଗଡ଼ ଅଞ୍ଚଳର ରାଜ୍ୟର ଏକ ତୃତୀୟାଂଶ ହାତୀ ରହିଛନ୍ତି। ଢେଙ୍କାନାଳ ଜିଲା ବନ ବିଭାଗ ପକ୍ଷରୁ ଦନ୍ତାହାତୀଙ୍କୁ ସହଜରେ ଚିହ୍ନଟ କରିବା ପାଇଁ ସେମାନଙ୍କ ପ୍ରୋଫାଇଲ ସଂଗ୍ରହ କରାଯାଉଛି। ଫଳରେ ହିଂସ୍ର ହାତୀଙ୍କ ଗତିବିଧି ସମ୍ପର୍କରେ ସୂଚନା ମିଳିପାରିବ ଏବଂ ସେମାନଙ୍କୁ ସହଜରେ ଚିହ୍ନଟ କରାଯାଇପାରିବ। ଏଥିସହ ଗୋଠଛଡ଼ା ହୋଇ ସେମାନେ କେଉଁ ଅଞ୍ଚଳକୁ ଯାଉଛନ୍ତି, ସେ ନେଇ ସମ୍ପର୍କରେ ଗ୍ରାମବାସୀଙ୍କୁ ଠିକ୍ ସୂଚନା ପ୍ରଦାନ କରିହେବ। ପ୍ରୋଫାଇଲ୍ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ କର୍ମଚାରୀମାନେ ସତର୍କତାର ସହ ଦନ୍ତାର ଫଟୋ ଉଠାଉଛନ୍ତି। କାନ, ମୁଣ୍ଡ, ଲାଞ୍ଜ, ଉଚ୍ଚତା, ଦାନ୍ତର ଆକାରକୁ ନେଇ ହାତୀକୁ ଚିହ୍ନଟ କରିବା ପାଇଁ ପ୍ରୋଫାଇଲ ପ୍ରସ୍ତୁତ କରାଯାଉଛି। ସେହିପରି ହାତୀଙ୍କୁ ଟ୍ରାକିଂ କରିବା ପାଇଁ ଟ୍ରାକର ନିୟୋଜିତ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ହାତୀ ଉପଦ୍ରୁତ ଅଞ୍ଚଳରେ ପରୀକ୍ଷାମୂଳକ ଭାବେ ସାଇରନ ଓ ଲାଇଟିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ଆଗକୁ ଧାନ ଚାଷ ଜୋର୍ ଧରିବାକୁ ଥିବାବେଳେ ଚାଷୀଙ୍କ ଧନଜୀବନର ସୁରକ୍ଷା ପାଇଁ ଗଜସାଥୀଙ୍କୁ ନିୟୋଜିତ କରାଯିବ ବୋଲି ବନ ବିଭାଗ ଯୋଜନା କରୁଛି।

ହାତୀ ଉପଦ୍ରବ ରୋକିବା ଲାଗି ବନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କୁହନ୍ତି, ଜିଲାରେ ଦନ୍ତାଙ୍କୁ ପ୍ରତିରୋଧ କରିବା ବଡ଼ ଚ୍ୟାଲେଞ୍ଜ ହୋଇଛି। ଏଥିଲାଗି ସମସ୍ତ ଅଧିକାରୀ, କର୍ମଚାରୀଙ୍କ ଫୋନରେ ଜିପିଆର୍‌ଏସ୍ ବ୍ୟବସ୍ଥା କରାଯାଇଛି। ଫଳରେ ହାତୀଙ୍କ ଉପସ୍ଥିତି ସମ୍ପର୍କରେ ତତ୍କ୍ଷଣାତ୍ ସୂଚନା



ମିଳିପାରୁଛି। କେତେକ ସ୍ଥାନରେ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ କର୍ମଚାରୀମାନେ ଗ୍ରାମବାସୀଙ୍କୁ ମୋବାଇଲ ମାଧ୍ୟମରେ ହାତୀ ସମ୍ପର୍କରେ ସୂଚନା ଦେଉଛନ୍ତି। ଗୋଠଛଡା ଦନ୍ତା ଉପଦ୍ରବ ବଢୁଥିବାରୁ ଗ୍ରାମାଞ୍ଚଳରେ ମାଇକ୍ ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି। ଆବଶ୍ୟକତା ଅନୁଯାୟୀ ପାଟ୍ରୋଲିଂ ପାଇଁ ଜିଲା ମୁଖ୍ୟାଳୟରୁ ଗାଡ଼ି ପଠାଯାଉଛି ବୋଲି ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି।

# ବୃକ୍ଷ ସଭ୍ୟତାର ପ୍ରତୀକ

ଢେଙ୍କାନାଳ, ୧୭(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ନାଗିଆପଶି ପଞ୍ଚାୟତ ଅନ୍ତର୍ଗତ କାଦୁଆ ମହିମା ଆଶ୍ରମ ପରିସରରେ କପିଳାସ ବନାଞ୍ଚଳ ଆନୁକୂଲ୍ୟରେ ଶନିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡିଏଫ୍‌ଓ ସୁମିତ୍ କର ଯୋଗଦେଇ କହିଲେ, ବୃକ୍ଷ ମାନବ ସଭ୍ୟତାର ପ୍ରତୀକ। ମନୁଷ୍ୟ ତିଷ୍ଠି ରହିବା ଲାଗି ଗଛଲତା ଅପରିହାର୍ଯ୍ୟ। ଜିଲାର ୮ ବନାଞ୍ଚଳରେ ଚାରା ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବନ ବିଭାଗ ବିନା ମୂଲ୍ୟରେ ଚାରା ଯୋଗାଇ ଦେଉଛି। ଜନସାଧାରଣ ଏହାର ସୁଯୋଗ ନେବାକୁ ଡିଏଫ୍‌ଓ ନିବେଦନ କରିଛନ୍ତି। ସମ୍ମାନିତ ଅତିଥି ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ କହିଲେ, ଚାରା ରୋପଣ ଏବଂ ଏହାର ସୁରକ୍ଷା ଦ୍ୱାରା ବିଶ୍ୱତାପନ ହ୍ରାସ, ମୃତ୍ତିକା ସଂରକ୍ଷଣ କରାଯାଇପାରିବ। ମୁଖ୍ୟବକ୍ତା ସାମାଜିକ କର୍ମୀ ରାଜୀବଲୋଚନ ସିଂଦେଓ କହିଲେ, ପରିବେଶ ସୁରକ୍ଷାରେ ବୃକ୍ଷର ଅବଦାନ ଅତୁଳନୀୟ। ସଭାରେ ଅଧକ୍ଷତା କରି ଶ୍ରୀମଦ୍ ରଘୁନାଥ ବାବା କହିଲେ, ବୃକ୍ଷ ହିଁ ଜୀବନ। ବୃକ୍ଷ ବିନା ଜୀବଜଗତର ସ୍ଥିତି ଅସମ୍ଭବ। ଶ୍ରୀକାନ୍ତ ଚିନ୍ନରା ସଭା ସଂଯୋଜନା କରିଥିବାବେଳେ ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କପିଳାସ ରେଞ୍ଜର ତରୁଣ କୁମାର ମହାନ୍ତିଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଆଶ୍ରମ ପରିସରରେ ଆମ୍ବ, ପଣସ, ଜାମୁ, କରଞ୍ଜ, ଅର୍ଜୁନ, ନିମ, ହରିଡା, ବାହାଡା, ଅଁଳା ଆଦି ପ୍ରଜାତିର ୫୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରିଥିଲେ।



ଆଶ୍ରମ ପରିସରରେ ଚାରା ରୋପଣ କରାଯାଉଛି।

# ବ୍ୟାଙ୍କ ସେବା ଜାଣିଲେ ଅନ୍ତେବାସୀ




କାର୍ଯ୍ୟକ୍ରମରେ ମଞ୍ଚାସୀନ ବ୍ୟାଙ୍କ ଅଧିକାରୀମାନେ।

ଢେଙ୍କାନାଳ, ୧୭(ରତନ ନାୟାର)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଢେଙ୍କାନାଳ ମୁଖ୍ୟ ଶାଖା ଆନୁକୂଲ୍ୟରେ ଶନିବାର ୬୭ତମ ଏସ୍‌ବିଆଇ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଗୋବିନ୍ଦପୁରସ୍ଥିତ ଶିଶୁ ଆଶ୍ରମର ଅନ୍ତେବାସୀଙ୍କୁ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବା ବିଷୟରେ ଅବଗତ କରାଯାଇଥିଲା। ସେମାନଙ୍କୁ ଛତା, ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ମୁଖ୍ୟ ପ୍ରବନ୍ଧକ ମୀନକେତନ ବାରଲେ ବଡ଼ିଆ, ଉପ ଶାଖାପ୍ରବନ୍ଧକ ସଚ୍ଚିଦାନନ୍ଦ ଓଝା, କର୍ମଚାରୀ ସଂଘ ଡିଜିଏସ୍ ଗୋପାଳ ଚନ୍ଦ୍ର ସାହୁ, ଦ୍ୱିତୀକୃଷ୍ଣ ମଲ୍ଲିକ, ସୌମ୍ୟା ମିଶ୍ର, ଜିତେନ୍ଦ୍ର ଦାସ, ସୁଶାନ୍ତ ସାହୁ, ରାଜଶ୍ରୀ ଲେଙ୍କା, ସାବିତ୍ରୀ ପ୍ରିୟଦର୍ଶିନୀ ପଣ୍ଡା, ପ୍ରଜ୍ଞା ପାରମିତା ତ୍ରିପାଠୀ, ଅର୍ଜିତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

ଢେଙ୍କାନାଳ ଅଫିସ, ୧୭(ରତନ ନାୟାର)

ଢେଙ୍କାନାଳ ଜିଲା ଶିଶୁ ସୁରକ୍ଷା ଶାଖାର ମିଶନ ବାତ୍ସଲ୍ୟ ମହିଳା ଶିଶୁ ବିଭାଗ ଆନୁକୂଲ୍ୟରେ କ୍ୟାରିୟର କାଉନସେଲିଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁ, ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଶିଶୁ ଅଂଶଗ୍ରହଣ କରିଥିଲେ। ଜିଲା ନିୟୋଜନ କାର୍ଯ୍ୟାଳୟର ସଙ୍ଗୀତା ଦାସ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟାପକ ଧନେଶ୍ୱର ବେହେରା, ଜ୍ଞାନଭୂଷଣ ଚୌଧୁରୀ, ବହୁବିଧ ତାଲିମ କେନ୍ଦ୍ରର ଅଙ୍କିତା ପଣ୍ଡା, ୟୁକୋ ବ୍ୟାଙ୍କ ଆର୍‌ସେଟି ଟ୍ରେନର ଚିନ୍ମୟ କୁମାର ଜେନା ପ୍ରମୁଖ ମାର୍ଗଦର୍ଶନ କରାଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଶିବିରରେ ଉପସ୍ଥିତ କେତେଜଣ ବିଭିନ୍ନ କ୍ଷେତ୍ରରେ ଆତ୍ମନିଯୁକ୍ତି ପାଇଁ ଆଗ୍ରହ ବ୍ୟକ୍ତ କରିଛନ୍ତି। ପ୍ରଦୀପ୍ତ ସାହୁ ଶିବିର ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ସଂକୀର୍ତ୍ତନ ଶୋଭାଯାତ୍ରା

ଢେଙ୍କାନାଳ, ୧୭(ରତନ ନାୟାର)

ବାହୁଡ଼ା ଯାତ୍ରା, ନୀଳାଦ୍ରି ବିଜେ ଉପଲକ୍ଷେ ଓଡ଼ିଶା ରାଜ୍ୟ ଶ୍ରୀଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦ ଶାଖା ତରଫରୁ ଢେଙ୍କାନାଳରେ ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ଆମନ୍ତ୍ରିତ ହୋଇ ଆସିଥିବା ୫୧ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗଦେଇଥିଲେ। ଶୁକ୍ରବାର ଅପରାହ୍ନ ୫ଟାରେ ବାଜି ରାଉତ ଛକ ନିକଟରୁ ଏକ ବିରାଟ ପଟୁଆରରେ ସଂକୀର୍ତ୍ତନମଣ୍ଡଳୀର କଳାକାରମାନେ ବଜାର ପରିକ୍ରମା କରି ମହାପ୍ରଭୁଙ୍କ ନିକଟକୁ ଆସିଥିଲେ। ହରିନାମ, ହୁଳହୁଳିରେ ପରିବେଶ ମୁଖରିତ ହୋଇଉଠିଥିଲା। ରାଜ୍ୟ ସଭାପତି ବିପ୍ରବର ସାହୁ ଯୋଗଦେଇ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଉପଦେଷ୍ଟା ଦୀପକ ମିଶ୍ର, ଜିଲା ସାଧାରଣ ସମ୍ପାଦକ ବିପିନ ଦାଶ, ଜିଲା କାର୍ଯ୍ୟକାରୀ ସଭାପତି ଶିଳ୍ପୀଶ୍ରୀ ହରିଚନ୍ଦନ, ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଉପସ୍ଥିତ ଥିଲେ।




ଶୋଭାଯାତ୍ରାରେ ସଂକୀର୍ତ୍ତନମଣ୍ଡଳୀର କଳାକାରମାନେ।

# ଉତ୍ସବମୁଖର ହେବ ନିତାଇ ଗୌର ଆଶ୍ରମ

କଣିହାଁ, ୧୭(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ଅଞ୍ଚଳ ଗହମ ଗ୍ରାମ ନିକଟରେ ଥିବା ନିତାଇ ଗୌର ଆଶ୍ରମ ଜୁଲାଇ ୨ ରବିବାର ଚଳଚଞ୍ଚଳ ହେବ। ଆଷାଢ଼ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଉପଲକ୍ଷେ ଏହି ଆଶ୍ରମରେ ପୂଜା ପାଉଥିବା ଶ୍ରୀ ଗୌର ଗୋପାଳଙ୍କ ଚରଣରେ ଏକଲକ୍ଷ ତୁଳସୀ ଅର୍ଚ୍ଚନା ସହ ଗୋପାଳ ସହସ୍ରନାମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦାନ କରି ବିଭୁକୃପା ଲାଭ କରିବାକୁ ଆଶ୍ରମ ପ୍ରତିଷ୍ଠାତା ବାବାଜୀ ପ୍ରଭୁପାଦ ଦାସ ନିବେଦନ କରିଛନ୍ତି।

# ରାଜମିସ୍ତ୍ରିଙ୍କୁ ପ୍ରଶିକ୍ଷଣ

ଢେଙ୍କାନାଳ, ୧୭(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ଓ ଚାଉଳିଆ ପଞ୍ଚାୟତରେ ଏକଦିବସୀୟ ରାଜମିସ୍ତ୍ରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ୍ ଏବଂ ଫିନିଶ ସୋସାଇଟିର ମିଳିତ ଆନୁକୂଲ୍ୟରେ ଏହାର ଆୟୋଜନ କରାଯାଇଥିଲା। ଏକଖାତ ବିଶିଷ୍ଟ ଶୌଚାଳୟକୁ କିଭଳି ଦୁଇ ଖାତରେ ପରିଣତ କରାଯାଇପାରିବ, ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। ୩୦ରୁ ଊର୍ଦ୍ଧ୍ୱ କୁଶଳୀ ରାଜମିସ୍ତ୍ରି ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଫିନିଶ ସୋସାଇଟି ପ୍ରକଳ୍ପ ମ୍ୟାନେଜର ସୁଧାକର ଅଗ୍ରୱାଲ, ଜିଲା ସଂଯୋଜକ ସୁଶାନ୍ତ ପାଣି, କର୍ମକର୍ତ୍ତା ବିଜ୍ଞାନ ମହାନ୍ତି, ହୃଷୀକେଶ ମଲ୍ଲିକ, ସୁଚିତ୍ରା ରାଉତ, ପୁନମ୍ ମାନସିଂ, ବ୍ଲକ ସଂଯୋଜକ ଭାରତୀ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାଜେନ୍ଦ୍ର ନାୟକ ତାଲିମ ଦେଇଥିଲେ। ଚାଉଳିଆ ସରପଞ୍ଚ ବାବୁଲି ଚନ୍ଦ୍ର ରାଉତ, ସୋଗରପଶି ସରପଞ୍ଚ ତପନ ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# ଟାଟା ଷ୍ଟିଲ୍ ପକ୍ଷରୁ ମକ୍‌ଡ୍ରିଲ୍

ଢେଙ୍କାନାଳ, ୧୭(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ କମ୍ପାନୀ ପରିସରରେ ଅନ୍‌ସାଇଟ୍ ଆପାତକାଳୀନ ମକ୍‌ଡ୍ରିଲ୍ ଆୟୋଜିତ ହୋଇଯାଇଛି। ଢେଙ୍କାନାଳ ଜୋନ୍ ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶିକା ଇଂ. ପୁଷ୍ପମିତ୍ରା ଜେନା, କମ୍ପାନୀ ସୁରକ୍ଷା ମୁଖ୍ୟ ଅଗମ କୁମାର, ଏସ୍‌ଏମ୍‌ଏସ୍ ମୁଖ୍ୟ ଏଚ୍. ମହେଶ ବାବୁ, ପରିବେଶ ମୁଖ୍ୟ ଅନୁପ ଶ୍ରୀବାସ୍ତବ, ଜିଲାର ବିଭିନ୍ନ ଶିଳ୍ପ ସଂସ୍ଥାର ଡିସିଜି ସଦସ୍ୟଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏଲ୍‌ଡି ଗ୍ୟାସ୍ ହୋଲଡର ସ୍ଥାନରେ ଅତ୍ୟଧିକ ଚାପ ପାଇଁ ଗ୍ୟାସ୍ ନିର୍ଗତ (୫୫ରୁ ୬୦% କାର୍ବନ ମନୋକ୍ସାଇଡ୍) ହେଲେ କିଭଳି ଏହାର ମୁକାବିଲା କରାଯାଇପାରିବ, ସେ ସଂକ୍ରାନ୍ତ ଏକ କାଳ୍ପନିକ ପରିବେଶରେ ମକ୍‌ଡ୍ରିଲ୍ ଆୟୋଜନ କରାଯାଇଥିଲା। ଗଠନ କରାଯାଇଥିବା ବିଭିନ୍ନ ଦଳ କୌଶଳ ପ୍ରଦର୍ଶନ କରିଥିଲେ। ଉକ୍ତ ମକ୍‌ଡ୍ରିଲ୍‌କୁ ଇଂ. ପୁଷ୍ପମିତ୍ରା ଜେନା ପ୍ରଶଂସା କରିବା ସହ ଏଥିରେ ଉନ୍ନତି ଆଣିବା ପାଇଁ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। କମ୍ପାନୀର ସୁରକ୍ଷା ମୁଖ୍ୟ ଅଗମ କୁମାରଙ୍କ ମାର୍ଗଦର୍ଶନରେ ସୁରକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




ଆପାତ୍‌କାଳୀନ ଅନ୍‌ସାଇଟ୍ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ।

# ଦବିଗଲା ବାଙ୍କଟିଆ ପୋଲ

■୩ ମାସ ତଳେ ହୋଇଥିଲା ଲୋକାର୍ପଣ

■ଖର୍ଚ୍ଚ ହୋଇଥିଲା ୨୬ ଲକ୍ଷ ଟଙ୍କା

ରାସୋଳ, ୧୭(ସରୋଜ ମିଶ୍ର)

ଯାନବାହନ ଭାର ସହିପାରିଲାନି ନବନିର୍ମିତ ପୋଲ। ମାତ୍ର ୩ ମାସରେ ଦବିଗଲା। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ତେଲିଭୂଇଁ-ଅଁଳାବେଡ଼ା ରାସ୍ତାର ବାଙ୍କଟିଆ ନିକଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ନିମ୍ନମାନର କାମ ପାଇଁ ଏଭଳି ହୋଇଥିବା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ବାଙ୍କଟିଆ ସେତୁ ୩ମାସ ତଳେ ଲୋକାର୍ପିତ ହୋଇଥିଲା। ହେଲେ ମାତ୍ର ଦିନ କେଇଟାରେ କନେକ୍ଟ ରୋଡ୍ ଏବଂ ପୋଲ ମଧ୍ୟରେ ଥିବା ଜଏଣ୍ଟ ପ୍ରାୟ ୪ ଇଞ୍ଚ ଦବିଯାଇଛି। କେବଳ ଏତିକି ନୁହେଁ, ସେତୁ ଚାରିପଟେ ଫାଟ ସୃଷ୍ଟି ହୋଇଛି। ନିର୍ମାଣ ଠିକ୍ ଭାବେ ହୋଇ ନ ଥିବାରୁ ବର୍ଷାପାଣି ଜମିରହୁଛି। ବୁହାଳିପାଳ ପଞ୍ଚାୟତବାସୀଙ୍କ ଗମନାଗମନର ମୁଖ୍ୟ ମାଧ୍ୟମ ଏହି ବ୍ରିଜ୍ ମାସ କେଇଟାରେ ଦବିଯିବା ଘଟଣାକୁ ବୁଦ୍ଧିଜୀବୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ନିମ୍ନମାନର ତଥା ବେପରୁଆ ଭାବେ କାମ କରାଯାଇଥିବାରୁ ଏଭଳି ହୋଇଥିବା ନରେଶ ପାଳ, ମଗରା ଦେହୁରୀ, ବିପିନ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।



## ପୋଲ ଗଳିପଡ଼ିଲେ ଦେଖିବା: ଯନ୍ତ୍ରୀ

୨୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପୋଲ ମାତ୍ର ୩ ମାସରେ ଦବିଗଲା। ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଏ ନେଇ ରାସୋଳ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଲୋକେଶ ସେଠୀଙ୍କ ପ୍ରତିକ୍ରିୟା ନେବାରୁ ସେ ଅବାନ୍ତର ଯୁକ୍ତି ବାଢ଼ିଛନ୍ତି। ସେ କହିଲେ, ପୋଲ୍ ଗଳିପଡ଼ିନି। ଯଦି ଗଳିପଡ଼େ, ତା'ହେଲେ ଦେଖିବା। ଯନ୍ତ୍ରୀଙ୍କ ଏଭଳି ଉପର ଠାଉରିଆ ମନ୍ତବ୍ୟ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସେହିପରି ବ୍ରିଜ୍ କାମ ନେଇଥିବା ଢେଙ୍କାନାଳର ଠିକାଦାର ଜ୍ଞାନେନ୍ଦ୍ର ଧୀରଙ୍କୁ ପଚାରିବାରେ ସେ କାମ ଠିକ୍ ହୋଇଥିବା କହି ପ୍ରସଙ୍ଗ ଏଡ଼ାଇ ଯାଇଥିଲେ।

## ସଂକ୍ଷେପରେ

### ପଲିଥିନ୍ ଚଢ଼ାଉ, ଜରିମାନା ଆଦାୟ

**ଅନୁଗୋଳ,୧୭(ଅମିତ କୁମାର ସାମଲ):** ଅନୁଗୋଳ ପୌରପାଳିକା ପକ୍ଷରୁ ଶନିବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପଲିଥିନ ଯାଞ୍ଚ କରାଯାଇଛି। ଏହି ସମୟରେ ବହୁ ପରିମାଣର ପଲିଥିନ୍ ଜବତ ସହ ୮ ହଜାର ୬୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ରାସ୍ତାରେ ଜବରଦଖଲ କରିଥିବା ଏକ ବର୍ତ୍ତନ ଭଣ୍ଡାରକୁ ମଧ ସିଲ୍ କରାଯାଇଥିବା ପୌର କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଅନୁଗୋଳ ପୌରପାଳିକା ପକ୍ଷରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବଜାର ଛକ ଆଦି ସ୍ଥାନରେ ପଲିଥିନ୍ ଚଢ଼ାଉ କରାଯାଇଥିଲା। ବିପୁଳ ପରିମାଣର ପଲିଥିନ୍ ଜବତ କରାଯିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ବଜାରଛକ ନିକଟରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନ ରାସ୍ତାକୁ ଅବରୋଧ କରି ପସରା ମେଲାଇଥିବାବେଳେ ଉକ୍ତ ଦୋକାନକୁ ସିଲ୍ କରାଯାଇଛି। ବାରମ୍ବାର ଚେତାବନୀ ସତ୍ତ୍ୱେ ସମ୍ପୃକ୍ତ ବ୍ୟବସାୟୀ ଜଣଙ୍କ ସର୍ବସାଧାରଣଙ୍କ ସ୍ଥାନରେ ନିଜର ପସରା ମେଲାଉଥିଲେ। ତେଣୁ ଉକ୍ତ ଦୋକାନକୁ ସିଲ୍ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି। ଏହି ପିଲିଥିନ୍ ଚଢ଼ାଉରେ ପୌରପାଳିକା ଟ୍ୟାକ୍ସ ଦାରୋଗା ବିଭୂତି ଭୂଷଣ ମହାରଣା, ପରିମଳ ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ସହ ଅନୁଗୋଳ ପୋଲିସ ଓ ପୌରପାଳିକାର ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

### ଆକାଉଣ୍ଟରୁ ୭୨ ହଜାର ଠକେଇ

**ଅନୁଗୋଳ,୧୭(ଅମିତ କୁମାର ସାମଲ):** ଅନୁଗୋଳ ସଦର ଥାନା କାଙ୍ଗୁଲା ଗ୍ରାମର ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କୁ କ୍ରେଡିଟ୍ କାର୍ଡ ପଠାଇବାକୁ କହି ଠକ ଜଣକ ଆକାଉଣ୍ଟରୁ ୭୧ ହଜାର ୯୨୭ ଟଙ୍କା ଠକେଇ କରିଥିବା ସାଇବର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୩୪୭/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସିଥିଲା। ଫୋନ କରିଥିବା ଠକ ଜଣକ କ୍ରେଡିଟ୍ କାର୍ଡ ଅଧିକାରୀ ବୋଲି ପରିଚୟ ଦେଇ ଆଧାରକାର୍ଡ ହ୍ୱାଟ୍ସଆପ୍‌ରେ ପଠାଇବାକୁ କହିଥିଲେ। ପରେ ଓଟିପି ମଧ ମାଗି ନେଇଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିଲା। ସଦର ଥାନା ପୋଲିସ ଘଟଣାର ଅଧିକ ଖୋଳତାଡ଼ କରୁଥିବା ଜଣାପଡିଛି।

### ୨୬୦ ପିଲାଙ୍କୁ ପୋଷାକ ବିତରଣ

**ମାଧପୁର,୧୭(ମନୋଜ ପ୍ରଧାନ):** ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶୁକ୍ରବାର ବିଦ୍ୟାଳୟର ୨୬୦ ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଗବାନ ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଗୋଷ୍ଠୀ ସାଧନା କେନ୍ଦ୍ରର ସଂଯୋଜକ ଛବିନାରାୟଣ ସିଂ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମ୍ବିକା ପ୍ରସାଦ ଦେହୁରୀ, ଶିକ୍ଷକ ରଞ୍ଜିତ ପ୍ରଧାନ, ଚିତ୍ତରଞ୍ଜନ ମହାନ୍ତି, ହୃଷୀକେଶ ପଣ୍ଡା, ସୁଶ୍ରୀ ଦାସ, ଶିଶିର ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋଖର ସାପ ଉଦ୍ଧାର



**ଢେଙ୍କାନାଳ, ୧୭(ରତନ ନାୟାର):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବସୋଇ ଗ୍ରାମରୁ ଶନିବାର ସନ୍ଧ୍ୟାରେ ଏକ ଗୋଖର ସାପ ଉଦ୍ଧାର କରାଯାଇଛି। ଗ୍ରାମର ଟିକମ ବିଶ୍ୱାଳଙ୍କ ପୁଅ ରିପୁ ଇଲେକ୍ଟ୍ରି ବୋର୍ଡ ମରାମତି କରୁଥିବାବେଳେ ସାପ ତାଙ୍କୁ ଚୋଟ ମାରିଥିଲା। ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ କରାଯାଇଥିଲା। ତେବେ ସାପ ବିଷ ଛାଡ଼ି ନ ଥିବାରୁ ସେ ସୁସ୍ଥ ଥିବା ଜଣାପଡ଼ିଛି। ସ୍ନେକ ହେଲ୍ପ ଲାଇନ ସଦସ୍ୟଙ୍କ ସହାୟତାରେ ସାପଟିକୁ ଉଦ୍ଧାର

# ହାତୀ ଆକ୍ରମଣରେ ଶ୍ରମିକଙ୍କ ମୃତ୍ୟୁ

## ତୀବ୍ର ଉତ୍ତେଜନା, କୁକୁଡ଼ା ଫାର୍ମରେ ତାଲା ପକାଇ ଧାରଣା

**ଢେଙ୍କାନାଳ, ୧୭(ରତନ ନାୟାର)**



କୁକୁଡ଼ା ଫାର୍ମ ଫାଟକ ସମ୍ମୁଖରେ ଉତ୍ତେଜିତ ଗ୍ରାମବାସୀଙ୍କ ଧାରଣା।

ଢେଙ୍କାନାଳ ଜିଲାରେ ହାତୀ-ମଣିଷ ସଂଘର୍ଷର ଅନ୍ତ ହେଉନାହିଁ। ଜଙ୍ଗଲ ଛାଡ଼ି ଜନବସତି ମୁହାଁ ହୋଇଥିବା ହାତୀ ହାବୁଡ଼ରେ ପଡ଼ି ଅକାଳରେ ଝରିପଡୁଛି ନିରୀହ ଜୀବନ। ଷଡ଼ଙ୍ଗୀ ରେଞ୍ଜ୍ ଅଧୀନ ବଣସିଂହ ପଞ୍ଚାୟତ ଅନ୍ତର୍ଗତ ପାରିଖେଦା ଗ୍ରାମରେ ଶନିବାର ଦନ୍ତା ଆକ୍ରମଣରେ କୁକୁଡ଼ା ଫାର୍ମରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦନ ନାଏକ (୨୫)। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ଫାର୍ମର ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ।

ସୂଚନାଯୋଗ୍ୟ, ଚନ୍ଦନ ଗ୍ରାମ ନିକଟରେ ଥିବା ଏକ କୁକୁଡ଼ା ଫାର୍ମରେ ଶ୍ରମିକ ଭାବେ କାମ କରୁଥିଲେ। ସେ ସକାଳ ୮ଟାରେ କାମ କରିବା ପାଇଁ ଫାର୍ମକୁ ଯାଇଥିଲେ। ଦାୟିତ୍ୱରେ ଥିବା କର୍ମଚାରୀ ତାଙ୍କୁ କୌଣସି କାର୍ଯ୍ୟରେ ପୁନର୍ବାର ଗ୍ରାମକୁ ପଠାଇଥିଲେ। ଗ୍ରାମ ରାସ୍ତାରେ ଯାଉଥିବାବେଳେ ସେ ଏକ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଘଟଣ ପରେ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀଙ୍କ କହିବା କଥା, ଗ୍ରାମ ନିକଟରେ ଦୀର୍ଘଦିନ ଧରି ୩ ପଲରେ ୫୦ରୁ ଊର୍ଦ୍ଧ୍ୱ ହାତୀ ଡେରା ପକାଇଛନ୍ତି। ଜନସାଧାରଣ ଭୟ ଆତଙ୍କରେ କାଳାତିପାତ କରୁଛନ୍ତି। ରାସ୍ତାରେ ଯାତାୟାତ କରିବା ଅସୁରକ୍ଷିତ ହୋଇପଡ଼ିଛି। ଚାଷକାର୍ଯ୍ୟ ପ୍ରଭାବିତ ହେଉଛି। ନିକଟ ଅତୀତରେ ହାତୀ ଆକ୍ରମଣରେ ଗ୍ରାମର ୩ ଜଣଙ୍କ ମୃତ୍ୟୁ ଘଟିଛି। କିଛି ବର୍ଷ ତଳେ ହାତୀ ହାବୁଡ଼ରେ ପଡ଼ି ଚନ୍ଦନଙ୍କ ବାପା ଦାଶରଥି ନାଏକଙ୍କ ଜୀବନ ଯାଇଥିଲା। ଚନ୍ଦନଙ୍କ ୨ଜଣ ଛୋଟ ଝିଅ ଏବଂ ଜଣେ ପୁଅ ଅଛନ୍ତି। ତାଙ୍କର ଏଭଳି ଅକାଳ ବିୟୋଗ ପରିବାର ପାଇଁ ଶକ୍ତ ଧକ୍କା ହୋଇଛି। ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ସହ ହାତୀଙ୍କୁ ଅନ୍ୟତ୍ର ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଥିଲେ। ସୂଚନା ପାଇ ତରଭା ଫାଣ୍ଡି ପୋଲିସ ଓ ବନ କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ସୁଫଳ ମିଳି ନ ଥିଲା। ସନ୍ଧ୍ୟାରେ କୁକୁଡ଼ା ଫାର୍ମ ମାଲିକ ପହଞ୍ଚି ୪୦ ହଜାର ଟଙ୍କା ପ୍ରଦାନ କରିବା ପରେ ଧାରଣା ହଟିଥିଲା। ପରିବାର, ଗ୍ରାମବାସୀ ଓ ଫାର୍ମ ମାଲିକଙ୍କ ସହିତ ଆଲୋଚନା ପରେ ଅଧିକ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ସଦର ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଦେଢ଼ମାସ ମଧ୍ୟରେ ଜିଲାରେ ହାତୀ ଆକ୍ରମଣରେ ୧୬ଜଣଙ୍କ ଜୀବନ ଗଲାଣି।



ଉଦ୍‌ଯାପନୀ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଭଜନ ପରିବେଷଣ କରୁଛନ୍ତି।

# କେଣେ ଘେନିଯାଉଛ...

## ସରିଲା ବାହୁଡ଼ାଯାତ୍ରା ଭଜନ ସମାରୋହ

**ଢେଙ୍କାନାଳ, ୧୭(ରତନ ନାୟାର)**

ଢେଙ୍କାନାଳ ରଥଗଡ଼ାଠାରେ ୪ଦିନ ଧରି ଚାଲିଥିବା ୩୪ତମ ବାହୁଡ଼ାଯାତ୍ରା ଭଜନ ସମାରୋହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ସମବାୟ ନିର୍ଦ୍ଦେଶକ ନରୋତ୍ତମ ସାହୁ, ବିଧାୟକଙ୍କ ପ୍ରତିନିଧି ଅଜୟ ଭଞ୍ଜ, ଆଇନଜୀବୀ ଶରତ ସାହୁ, ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ରାଜଶ୍ରୀ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଅଂଶୁମାନ ଭରଦ୍ୱାଜଙ୍କ କଣ୍ଠରେ ପ୍ରସିଦ୍ଧ ଭଜନ କେଣେ ଘେନିଯାଉଛ ଜଗନ୍ନାଥଙ୍କୁ... ଦର୍ଶକଙ୍କୁ ବିଭୋର କରିଥିଲା। ସିମ୍ରନ, ଅନୁଜା ପୁଷ୍ପଶ୍ରୀ, ରାକେଶ, ନିହାରିକା, ଦୀପାଞ୍ଜନା, ବୀରେନ୍ ପ୍ରଧାନ ପ୍ରମୁଖ ଜଗନ୍ନାଥଙ୍କ ଭଜନରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ଜିଜ୍ଞାସୁ ଏ.ଆର. ସାହୁ ଭଜନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସତ୍ୟସ୍ୱରୂପ ଦାସ, ଅରବିନ୍ଦ ସାହୁ, ଅଥୟ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ବିନୋଦ ମହାନ୍ତି, ଶ୍ରୀନିବାସ ଦାସ, ନୃସିଂହ ବେହେରା, ବାବୁଲି ଦାସ, ବାବୁ ଦେହୁରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉପଦେଷ୍ଟା ସୁକାନ୍ତ ମିଶ୍ର, ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାପତି ଦେବାଶିଷ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବରିଷ୍ଠ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଢେଙ୍କାନାଳ, ୧୭(ରତନ ନାୟାର)**

ଢେଙ୍କାନାଳ ସହର ବାଜିଚୌକସ୍ଥିତ ବାପୁଜୀ ସରକାରୀ ଉପ୍ରା ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ରଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅନୁକମ୍ପା ମିଶ୍ର, କ୍ଲଷ୍ଟର ସିଆର୍‌ସିସି ପ୍ରଭାତୀ ବେହେରା, ଶିକ୍ଷୟିତ୍ରୀ ପ୍ରତିମା ସ୍ୱାଇଁ, କଲ୍ୟାଣୀ ସାହୁ, ସନ୍ଧ୍ୟାରାଣୀ ମିଶ୍ର, ସୁଜାତା ପଣ୍ଡା, ସୌମିତ୍ରୀ ବିଷ୍ଣୁପ୍ରିୟା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନ, କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲ କମିଟି ସଭାପତି ଦେବେନ୍ଦ୍ର ସିଂ, ମୋ ସ୍କୁଲ୍ ଅଭିଯାନ ସଭାପତି ଗୁପ୍ତେଶ୍ୱର ମିଶ୍ରଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।



ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ନିଶାମୁକ୍ତି ଉପରେ ଆଲୋକପାତ

**କାମାକ୍ଷାନଗର,୧୭(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟ ପ୍ରେକ୍ଷାଳୟ ପରିସରରେ ସୋମବାର ଆନ୍ତଃଜାତୀୟ ନିଶାମୁକ୍ତି ଓ ମାନବ ଚାଲାଣ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ବକ୍ତା ଭାବେ ଅତିରିକ୍ତ ଜିଲାପାଳ ଦିପକ କୁମାର ମିଶ୍ର ଯୋଗ ଦେଇଥିଲେ। ଅଧ୍ୟକ୍ଷ ମଙ୍ଗୁଳି ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିମାନେ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଆଇକ୍ୟୁଏସି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରଦୀପ କୁମାର ପରିଚାଳନା କରିଥିଲେ। ଅଧ୍ୟାପକ ଶ୍ରୀକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।



# ପର୍ଯ୍ୟଟନସ୍ଥଳୀକୁ ବସ୍ ସେବା ହେଉ

**ଢେଙ୍କାନାଳ, ୧୭(ରତନ ନାୟାର)**

ଢେଙ୍କାନାଳ ଜିଲାର ଐତିହ୍ୟସମ୍ପନ୍ନ ପର୍ଯ୍ୟଟନସ୍ଥଳୀକୁ ବସ୍‌ସେବା ବ୍ୟବସ୍ଥା କରିବାକୁ ସଚେତନ ନାଗରିକ ଫୋରମ ପକ୍ଷରୁ ଦାବି କରାଯାଇଛି। ଗତ ଶୁକ୍ରବାର ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଢେଙ୍କାନାଳ ଗସ୍ତରେ ଆସିଥିବାବେଳେ ଏ ସମ୍ପର୍କିତ ଏକ ଦାବିପତ୍ର ଫୋରମ୍ ପକ୍ଷରୁ ପ୍ରଦାନ କରାଯାଇଛି। ପ୍ରସିଦ୍ଧ ଶୈବପୀଠ କପିଳାସ, ମହିମା ଧର୍ମପୀଠ ଯୋରନ୍ଦା, ପଣ୍ଡିମେଶ୍ୱର, ସରାଙ୍ଗସ୍ଥିତ ଅନନ୍ତ ଶୟନ, କୁଆଲୋ ଅଷ୍ଟଶମ୍ଭୁ, ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟାକୁ ଢେଙ୍କାନାଳ ବସ୍‌ଷ୍ଟାଣ୍ଡରୁ ବସ୍ ସେବା ଯୋଗାଇ ଦେବାକୁ ଏଥିରେ ଉଲ୍ଲେଖ କରାଯାଇଛି। ଅନ୍ୟୂନ ୨ଟି ବସ୍ ଉପରୋକ୍ତ ପର୍ଯ୍ୟଟନସ୍ଥଳୀକୁ ଚଳାଚଳ କଲେ ପର୍ଯ୍ୟଟକମାନେ ଉପକୃତ ହେବେ। ସେହିପରି ଜିଲା ସଦରରୁ ବ୍ଲକ ସଦରକୁ ନିୟମିତ ବସ୍ ଚଳାଚଳ ସୁବିଧା କରିବାକୁ ଦାବି କରାଯାଇଛି। ଫୋରମ୍ ପକ୍ଷରୁ କୁହାଯାଇଛି ଯେ, ୨୦୦୦ ମସିହା ବେଳକୁ ପରିବହନ ବିଭାଗର ୬ଟି ବସ୍ କଟକରୁ ଢେଙ୍କାନାଳ ଆସୁଥିଲା। ତେବେ ପରବର୍ତ୍ତୀ ସମୟରେ ଉକ୍ତ ବସ୍ ଚଳାଚଳ ବନ୍ଦ ହୋଇଯାଇଛି। ଭୁବନେଶ୍ୱର, କଟକରୁ ସେବା ଯୋଗାଉଥିବା ଘରୋଇ ବସ୍‌ରେ ଢେଙ୍କାନାଳକୁ ଯାତ୍ରୀଙ୍କୁ ଅଣଦେଖା କରାଯାଉଛି। ସିଟ୍ ମିଳୁ ନ ଥିବାରୁ ରୋଗୀ, ବରିଷ୍ଠ ନାଗରିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ସଙ୍ଗଠନର ସଭାପତି ସୁରେନ୍ଦ୍ର ମିଶ୍ର, ସମ୍ପାଦକ ଭରତ କୁମାର ଦାସ ଦାବି କରିଛନ୍ତି।

# ଜାତିଗତ ବୈଷମ୍ୟ ଦୂର କରିବାକୁ ଆହ୍ୱାନ




ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ସଙ୍ଗଠନର କର୍ମକର୍ତ୍ତା।

**ଢେଙ୍କାନାଳ, ୧୭(ରତନ ନାୟାର)**

ଢେଙ୍କାନାଳ ଆମ୍ବେଦକର ସେବା ସଙ୍ଗଠନ ପକ୍ଷରୁ ହିନ୍ଦୋଳ ବ୍ଲକ୍ ଦୁର୍ଗାମାଧବ ମଣ୍ଡପ ଓ ଖଜୁରିଆକଟାଠାରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ନାଏକ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ସି/ଏସ୍‌ଟି ନିର୍ଯାତନା ନିବାରଣ ଆଇନ, ଜମି ଅଧିକାର ଓ ସୂଚନା ଅଧିକାର ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏବେ ବି ଦଳିତ ବ୍ୟକ୍ତିମାନେ ସର୍ବସାଧାରଣ ସ୍ଥାନରେ ଜାତିଗତ ବୈଷମ୍ୟର ଶିକାର ହେଉଛନ୍ତି। ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ସଙ୍ଗଠନର ସଭାପତି ଆଇନଜୀବୀ ପ୍ରଦ୍ୟୁମ୍ନ ନାଏକ, ଆଇନଜୀବୀ ଚିତ୍ରସେନ ନାଏକ ଯୋଗଦେଇ ସମ୍ବିଧାନର ବିଧିବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶାନ୍ତ କୁମାର ନାଏକ ଧନ୍ୟବାଦ ଦେଇଥିଲେ।

# ବୃକ୍ଷପ୍ରେମୀଙ୍କୁ ଚାରା ବଣ୍ଟନ

**ସାତମାଇଲ, ୧୭(ସୁଶାନ୍ତ ପତି)**



ହିନ୍ଦୋଳ ବନାଞ୍ଚଳରେ ୭୪ତମ ବନମହୋତ୍ସବ ସପ୍ତାହ ଶନିବାରଠାରୁ ଆରମ୍ଭ ହୋଇଛି। ତହସିଲଦାର ସୁଶାନ୍ତ ମିଶ୍ର ଚାରାରୋପଣ କରି ଏହାର ଶୁଭାରମ୍ଭ କରିଥିଲେ। ହିନ୍ଦୋଳ କଲ୍ୟାଣ ସଙ୍ଗଠନ, ରାସୋଳ ଶ୍ରଦ୍ଧାଶକ୍ତି ସେବା ସଂସ୍ଥାନ (ଜନମଙ୍ଗଳ)ର ମିଳିତ ଆନୁକୂଲ୍ୟରେ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନମଙ୍ଗଳ ସଙ୍ଗଠନ ପ୍ରତିଷ୍ଠାତା ବିଭୁପ୍ରସାଦ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ ସଦସ୍ୟା ସଦସ୍ୟମାନେ ଆମ୍ବ ଚାରା ରୋପଣ କରିଥିଲେ। ଏଥିସହ ପୂର୍ବ ବର୍ଷ ଲଗାଯାଇଥିବା ବିଭିନ୍ନ ଗଛର ଯତ୍ନ ନେଇଥିଲେ। ବୃକ୍ଷପ୍ରେମୀଙ୍କୁ ଚାରା ବଣ୍ଟନ କରାଯାଇଥିଲା। ସେହିପରି ଖଜୁରିଆକଟା ଅଞ୍ଚଳରେ ଶିକ୍ଷାବିତ୍ ବିରଞ୍ଚିନାରାୟଣ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଚାରା ଲଗାଇଥିଲେ।

# ରାତ୍ର ଜଗୁଆଳିଙ୍କ ଅବସର

**ସାତମାଇଲ, ୧୭(ସୁଶାନ୍ତ ପତି)**

ହିନ୍ଦୋଳ ରୋଡ୍‌ସ୍ଥିତ ଓପିଏସ୍ କଲେଜର ରାତ୍ର ଜଗୁଆଳି ଆର୍ତ୍ତତ୍ରାଣ ଭୂତିଆଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କର୍ମଚାରୀ ପରିଷଦର ସମ୍ପାଦିକା ଡ. ମାନସୀ କର, ଅଧ୍ୟାପକ ନୀଳକଣ୍ଠ ଦାସ, ତ୍ରିଲୋଚନ ଦାସ, ବିଜୟ ସାହୁ, ରାଜକିଶୋର ସାମଲ, ଅଧ୍ୟାପିକା ନୟନା ବରାଳ, ଶିଶିର ବେହେରା, ଦିଲୀପ ପୃଷ୍ଟି, ସରୋଜ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଆର୍ତ୍ତତ୍ରାଣ ଦୀର୍ଘ ୪୧ ବର୍ଷ ଧରି କଲେଜରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଭଳି କର୍ତ୍ତବ୍ୟ ପରାୟଣ ହୋଇ କାର୍ଯ୍ୟକଲେ କଲେଜର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ବୋଲି ଅଧ୍ୟକ୍ଷ ପ୍ରଧାନ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆର୍ତ୍ତତ୍ରାଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଗୁରୁ ଚରଣ ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଡ.ଦେବାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଆର୍ତ୍ତତ୍ରାଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବଦଳିଲା ୧୧୧ ବାବୁଙ୍କ ଚୌକି

## ଅନୁଗୋଳ ଜିଲା ଅଫିସରସ୍ତରରେ ବଡ଼ ଧରଣର ଅଦଳବଦଳ

**ଅନୁଗୋଳ,୧୭(ଅମିତ କୁମାର ସାମଲ)**



ଅନୁଗୋଳ ଜିଲା ପ୍ରଶାସନର ବିଭିନ୍ନ ଅଫିସରସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ଜିଲାର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ୧୧୧ ଜଣ ବାବୁଙ୍କ ବଦଳି ତାଲିକା ବାହାରିଛି। ତେବେ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଏହି ଅଦଳବଦଳ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଯେଉଁମାନେ ଦୀର୍ଘ ବର୍ଷ ଧରି ଗୋଟିଏ ଚୌକିକୁ ମାଡ଼ି ବସିଥିଲେ, ସେମାନଙ୍କ ନାମ ବଦଳି ତାଲିକାରେ ରହିଛି। ଏହି ବଦଳି ତାଲିକାରେ ଆସିଷ୍ଟାଣ୍ଟ ସେକ୍‌ସନ୍ ଅଫିସର (ଏଏସ୍‌ଓ)ଙ୍କ ତାଲିକା ବେଶ୍ ଲମ୍ବା ରହିଛି। ଜିଲାର ତହସିଲ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ୫୨ ଜଣ ଏଏସ୍‌ଓଙ୍କ ବଦଳି କରାଯାଇଛି।

ପ୍ରକାଶ ଯେ, ଅନୁଗୋଳ ଜିଲାର ବିଭିନ୍ନ କାର୍ଯ୍ୟାଳୟରେ ଦୀର୍ଘବର୍ଷ ହେବ ବହୁ ଅଫିସର ଗୋଟିଏ ଲେଖାଏ ଚୌକି ମାଡ଼ି ବସିଥିଲେ। ସେମାନଙ୍କ ବଦଳି ନ ହେବା ଓ ଗୋଟିଏ ସ୍ଥାନରେ ଦୀର୍ଘଦିନ ରହିଥିବାରୁ ଦୁର୍ନୀତିର ଗନ୍ଧ ଜିଲା ପ୍ରଶାସନ ବାରି ପାରିଥିଲା। ତେଣୁ ୫-ଟିକୁ ଆଧାର କରି ଏହି ଅଦଳବଦଳ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜିଲାର ବିଭିନ୍ନ କାର୍ଯ୍ୟାଳୟରେ କେତୋଟି ପଦବୀ ଖାଲି ପଡ଼ିଥିଲା। ଏହି ବଦଳି ସମୟରେ ତାହାକୁ ବିଚାରକୁ ନିଆଯାଇଛି। ଅନୁଗୋଳ ଜିଲାରେ କାର୍ଯ୍ୟ କରୁଥିବା ୯ ଜଣ ସେକସନ୍ ଅଫିସର(ଏସ୍‌ଓ) କୁଶଧ୍ୱଜ ଦେହୁରୀଙ୍କୁ ପାଲଲହଡ଼ା ବ୍ଲକରୁ ପାଲଲହଡ଼ା ଉପଜିଲାପାଳ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସେହିପରି ଛେଣ୍ଡିପଦା ବ୍ଲକରେ ଥିବା ସଞ୍ଜୟ କୁମାର ସାହୁଙ୍କୁ ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟ, କଣିହାଁ ତହସିଲରେ କାର୍ଯ୍ୟ କରୁଥିବା ପବନି ବାରିକଙ୍କୁ ଅନୁଗୋଳ ତହସିଲ କାର୍ଯ୍ୟାଳୟ, କଣିହାଁ ବ୍ଲକ କାର୍ଯ୍ୟାଳୟରେ ଥିବା ସୁଦର୍ଶନ ନାୟକଙ୍କୁ କଣିହାଁ ତହସିଲ କାର୍ଯ୍ୟାଳୟ, ତାଳଚେର ତହସିଲରେ କାର୍ଯ୍ୟ କରୁଥିବା ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କୁ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ, କିଶୋରନଗର ତହସିଲରେ କାର୍ଯ୍ୟ କରୁଥିବା ସଞ୍ଜୟ କୁମାର ସରଙ୍କୁ ବଅଁରପାଳ ତହସିଲ କାର୍ଯ୍ୟାଳୟ, ବଅଁରପାଳ ତହସିଲରେ କାର୍ଯ୍ୟ କରୁଥିବା ଦିଲୀପ କୁମାର ପୃଷ୍ଟିଙ୍କୁ କିଶୋରନଗର ତହସିଲ କାର୍ଯ୍ୟାଳୟ, ଅନୁଗୋଳ ତହସିଲରେ କାର୍ଯ୍ୟ କରୁଥିବା ବିପିନ ବିହାରୀ ବେହେରାଙ୍କୁ ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ ଓ ଆଠମଲ୍ଲିକ ତହସିଲରେ କାର୍ଯ୍ୟ କରୁଥିବା ସଦାନନ୍ଦ ସ୍ୱାଇଁଙ୍କୁ ଅନୁଗୋଳ ଡିଏସ୍‌ଡବ୍ଲ୍ୟୁକୁ ବଦଳି କରାଯାଇଛି। ଏଥିସହ ୧୯ ଜଣ ଆର୍‌ଆଇ, ୧୭ ଅମିନ୍ ଓ ୧୪ ଜଣ ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କୁ ମଧ ବଦଳି କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହି ବଦଳି କରିଥିବାବେଳେ ବିଭିନ୍ନ ସରକାରୀ ଦପ୍ତରକୁ ଚିଠି କରାଯାଇ ତୁରନ୍ତ ନୂତନ କାର୍ଯ୍ୟାଳୟରେ ଯୋଗ ଦେବାକୁ ବଦଳି କରାଯାଇଥିବା ବାବୁମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

## ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ

ଅନୁଗୋଳ, (ଅମିତ କୁମାର ସାମଲ): ଅନୁଗୋଳ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଶନିବାର ଅନୁଗୋଳ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କେ. ଶ୍ରବଣ କୁମାର ଯୋଗ ଦେଇଛନ୍ତି। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ନୂଆ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ଦୁର୍ନୀତି ଅଭିଯୋଗର ତଦନ୍ତ ଦାବି

କଣିହାଁ, ୧।୭(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ବ୍ଲକ ଜରଡା ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଶନିବାର ଗୋଇଲାଣ୍ଡ ଗ୍ରାମବାସୀ ବିଡିଓଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଗୋଇଲାଣ୍ଡ ଗ୍ରାମରେ ହୋଇଥିବା ଉନ୍ନୟନ କାର୍ଯ୍ୟରେ ଜନସାଧାରଣ ଉପକୃତ ହେଉନାହାନ୍ତି। ଗ୍ରାମବାସୀ ଏ ନେଇ ମଧ କୌଣସି ସୂଚନା ପାଉନାହାନ୍ତି। ସକ୍‌ପିଟ ନିର୍ମାଣ କରା ନ ଯାଇ ଅର୍ଥ ଲୁଟ୍ ହୋଇଛି। ଏହାବାଦ ଅନ୍ୟାନ୍ୟ ଯୋଜନାରେ ମଧ ଅଟକଳ ପରିମାଣଠାରୁ ଅଧିକ ବିଲ୍ ବ୍ଲକ ଅଫିସ ସହାୟତାରେ ଉଠାଣ କରାଯାଇଛି। ଏହାର ଉପଯୁକ୍ତ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷରେ ସରପଞ୍ଚ ସୁମିତ୍ରା ଦାସ ସରକାରୀ ଅର୍ଥରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ବିନିଯୋଗ ଅର୍ଥର ତଦନ୍ତ ସହିତ ସରପଞ୍ଚଙ୍କ ବିନା ସ୍ୱାକ୍ଷରରେ ଅର୍ଥ ଉଠାଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ କଣିହାଁ ବିଡିଓ ନିଶାନ ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ମତାମତ ମିଳିପାରିନାହିଁ।

# ୮ କୋଟିର ରାସ୍ତା ୩ ମାସରେ ଫାଟିଗଲା

### ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ

ବଇଣ୍ଡା, ୧।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଜରପଡାଠାରୁ ମନ୍ଦରବାହାଳ ଗ୍ରାମକୁ ସଂଯୋଗୀକରଣ ପାଇଁ ନିର୍ମାଣ ହୋଇଥିବା ପିଚୁ ରାସ୍ତା ଫାଟି ଆଁ କରିଛି। ୮ କୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ରାସ୍ତା ମାତ୍ର ୩ ମାସ ନ ଯାଉଣୁ ଫାଟିଯିବା ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ରାସ୍ତା ଅବସ୍ଥା ଏପରି ହୋଇଥିବା ଜରପଡା ଗ୍ରାମବାସୀ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଦର୍ଶାଇଛନ୍ତି, ଜରପଡାରୁ ମନ୍ଦରବାହାଳ ପର୍ଯ୍ୟନ୍ତ ଥିବା ମାଟି ରାସ୍ତାକୁ ପିଚୁରେ ପରିଣତ କରିବା ପାଇଁ ଅଞ୍ଚଳବାସୀ ବହୁବାର ସରକାରଙ୍କଠାରେ ଦାବି କରିଥିଲେ। ପରେ ସରକାର ଉକ୍ତ ୯ କି.ମି. ରାସ୍ତାକୁ ପୂର୍ତ୍ତ ବିଭାଗ ଅଧୀନକୁ ଆଣି ପିଚୁ କରିବାକୁ ୮ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ୨୦୨୧ ମସିହାରୁ ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ୨୩ ମାର୍ଚ୍ଚ ୨୦୨୩ରେ ଶେଷ ହୋଇଥିଲା। ଏପ୍ରିଲ ପ୍ରଥମ ସପ୍ତାହରେ ଉକ୍ତ ରାସ୍ତାରେ ଗାଡି ଯାତାୟାତ କରିଥିଲା। ହେଲେ କାମ ସରିବାର ୩ ମାସ ନ ପୂରୁଣୁ ରାସ୍ତାର ଅନେକ ସ୍ଥାନ ଫାଟି ଆଁ କରିଛି। ଜରପଡାଠାରୁ ୧୦୦ ମିଟର ଦୂରରେ ଏହି ରାସ୍ତା ଫାଟି ଯାଇଥିବାବେଳେ ନିର୍ମାଣକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ମଧରେ ସଲାସୁତରା ଯୋଗୁ ରାସ୍ତା କାମ ଏଭଳି ହୋଇଥିବା ଜରପଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ବିଭାଗୀୟ ଅଧିକାରୀମାନେ ନିର୍ମାଣ ବେଳେ ଆବଶ୍ୟକ ତଦାରଖ କରି ନ ଥିବାରୁ ଏଭଳି ନିମ୍ନମାନର କାମ କରାଯାଇଥିବା ମନ୍ଦରବାହାଳ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ନିର୍ମାଣ କାମର ଭିଜିଲାନ୍ସ ତଦନ୍ତ କରିବା ପାଇଁ ମନ୍ଦରବାହାଳ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ କାଶୀନାଥ ମଲିକ କହିଛନ୍ତି, ଘଟଣାର ତଦାରଖ କରିବା ସହ ସମସ୍ୟା ସମାଧାନ କରାଯିବ।



ରାସ୍ତା ଫାଟି ଆଁ କରିଛି।

# ଉତ୍ତାପ ନିୟନ୍ତ୍ରଣରେ ସହାୟକ ହେବ ଚାରା

କଣିହାଁ, ୧।୭(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବନାଞ୍ଚଳ ତରଫରୁ ଶନିବାର ବିଭିନ୍ନ ସ୍ଥାନରେ ୭୪ତମ ବନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧ ହଜାରରୁ ଅଧିକ ଚାରା ରୋପଣ କରାଯାଇଛି। ଦଲକ ପଞ୍ଚାୟତ ନାଲମ ଗ୍ରାମ ନିକଟରେ ଅନୁଷ୍ଠିତ ଚାରା ରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସରପଞ୍ଚ ସଙ୍ଗୀତା ଡାକୁଆ, ସମିତି ସଭ୍ୟ ଦୀପକ ସେଠୀ, କଣିହାଁ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଗଛ ଆମ ଜୀବନ ସହିତ ଜଡିତ। ତେଣୁ ବ୍ୟାପକ ଚାରାରୋପଣ କରାଗଲେ ପରିବେଶ ସୁରକ୍ଷା ସହିତ ଉତ୍ତାପ ନିୟନ୍ତ୍ରଣରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେଠାରେ ବିଭିନ୍ନ କିସମର ୫ଶହ ଚାରା ରୋପଣ କରାଯାଇଥିଲା। ସେହିପରି ବଡତ୍ରିବିଡା ପଞ୍ଚାୟତ ଅଞ୍ଚଳରେ ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମରେ ସରପଞ୍ଚ ଶାନ୍ତନୁ ପ୍ରଧାନ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତି ରହି ୫ଶହ ଚାରାରୋପଣ କରିଥିଲେ। କୁଳୁମା ମନ୍ଦିର ପରିସର ଏବଂ ହରିଚନ୍ଦନପୁର ସ୍କୁଲ ପରିସରରେ ଚାରାରୋପଣ କରାଯାଇଛି। ଆଗାମୀ ଦିନରେ ବନ ବିଭାଗ ତରଫରୁ ୧ ଲକ୍ଷ ଚାରା ରୋପଣ ସହିତ ଜନସାଧାରଣଙ୍କୁ ୧ ଲକ୍ଷ ଚାରା ବଣ୍ଟନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି।



ନାଲମ ଗ୍ରାମ ନିକଟରେ ଚାରା ରୋପଣ କରାଯାଉଛି।

# ସଚେତନତା ରଥର ଶୁଭାରମ୍ଭ



ଅତିଥିମାନେ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଅନୁଗୋଳ, ୧।୭(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଜନସଂଖ୍ୟା ବୃଦ୍ଧିରେ ସ୍ଥିରତା ଆଣିବା ପାଇଁ ପ୍ରତ୍ୟେକ ବର୍ଷ ଜୁନ ୨୭ରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ସଚେତନତା ପକ୍ଷ ପାଳନ କରାଯାଇ ପରିବାର ନିୟୋଜନ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ଏହି ଅବସରରେ ଜନସଂଖ୍ୟାରେ ସ୍ଥିରତା ଆଣିବା ପାଇଁ ଜିଲା ମୁଖ୍ୟଚିକିତ୍ସାଳୟ ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲା ମିଶନ ନିର୍ଦ୍ଦେଶକ ଡା. ତ୍ରିଲୋଚନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ରଥର ଶୁଭାରମ୍ଭ କରିବା ସହ ପରିବାର ନିୟୋଜନର ବିଭିନ୍ନ ପଦ୍ଧତି ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ଜିଲାର ଉପଚିକିତ୍ସାକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ବୋଲି ପ୍ରକାଶ କରିଥିଲେ। ଜନସାଧାରଣଙ୍କୁ ସଚେତନ କରି ପରିବାର ନିୟୋଜନ ପଦ୍ଧତିକୁ ଆପଣେଇବା ଏବଂ ଜନସଂଖ୍ୟା ନିୟନ୍ତ୍ରଣରେ ସହଯୋଗ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଦିଲୀପ କୁମାର ପଟ୍ଟନାୟକଙ୍କ ସହ ପାରାମେଡିକାଲ, ଆଶା, ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସର ନେଲେ ସେକ୍ସନ ଅଫିସର

ଅନୁଗୋଳ, ୧।୭
(ଅମିତ କୁମାର ସାମଲ)

ଏମ୍‌ସିଏଲ୍‌ର ସ୍ୱତନ୍ତ୍ର ଭୂ-ଅର୍ଜନ କାର୍ଯ୍ୟାଳୟରେ ସେକ୍ସନ ଅଫିସର ଥିବା ଶୈଳବାଳା ମିଶ୍ର ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୩୩ ବର୍ଷରୁ ଅଧିକ ସମୟ ଧରି ସରକାରଙ୍କ ବିଭିନ୍ନ ବିଭାଗରେ ସେ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଜଣେ ସଚ୍ଚୋଟ, ମେଳାପୀ, କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ବିଭିନ୍ନ ବିଭାଗରେ କାର୍ଯ୍ୟକରି ପ୍ରଶଂସା ଅର୍ଜନ କରିଛନ୍ତି। ଏହାଛଡା ଅନୁଗୋଳର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ସେ ଜଡିତ ରହିଆସିଛନ୍ତି। ଏପରି କି ସମାଜର ଉପକାର ନିମନ୍ତେ ନିଜର ଅଙ୍ଗଦାନ କରିବାକୁ ୨୦୧୭ ମସିହାରେ ସେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି।

# ଟ୍ରକ୍ ଧକ୍କାରେ ଠିକା ଶ୍ରମିକ ମୃତ, ଉତ୍ତେଜନା

ବଆଁରପାଳ, ୧।୭(ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ନାଲ୍‌କୋ ଥାନା ମେନ୍‌ଗେଟ ଛକ ନିକଟରେ ଶନିବାର ସକାଳେ ଟ୍ରକ୍ ଧକ୍କାରେ ନାଲ୍‌କୋ ପ୍ଲାଣ୍ଟର ଠିକା ଶ୍ରମିକ ଶ୍ରୀଧର ନାୟକ(୬୬)ଙ୍କ ମୃତ୍ୟୁ ଘଟିଛି। ସକାଳେ ଶ୍ରୀଧର ସାଇକେଲ ଯୋଗେ ନାଲ୍‌କୋ କଲୋନୀରୁ ସ୍ମେଲଟର ପ୍ଲାଣ୍ଟ ଆଡକୁ ଯାଉଥିବାବେଳେ ଅନୁଗୋଳରୁ ବଆଁରପାଳ ଅଭିମୁଖେ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ସହ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଦେବା ଦାବିରେ ରାସ୍ତା ଉପରେ ମୃତଦେହ ରଖି ବିଭିନ୍ନ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତାମାନେ ଆନ୍ଦୋଳନ କରିଥିଲେ। ଏଥିଯୋଗୁ ଦୀର୍ଘସମୟ ଧରି ୫୫ ନଂ. ଜାତୀୟ ରାଜପଥ ଜାମ ରହିଥିଲା। ପରେ ଶ୍ରମିକ ନେତା ଓ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ମଧରେ ଆଲୋଚନା ହୋଇଥିଲା। ଏଥିରେ ନାଲ୍‌କୋ ଡିଜିଏମ୍ ରାଜାରାମ ମିଶ୍ର, ସୁନୀଲ ମହାପାତ୍ର, ଅଭିଷେକ ପାଢି, ମନୋରଞ୍ଜନ ବେହେରା ଓ ଠିକାଦାର ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଏବଂ ଠିକାସଂସ୍ଥା ପକ୍ଷରୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବା, ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦିଆଯିବ ବୋଲି ନାଲ୍‌କୋ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ ମେନଗେଟ୍ ଛକରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ୩ ବର୍ଷ ହେଲା ଟ୍ରାଫିକ ଲାଇଟ୍ ସିଗିନାଲ୍ କାର୍ଯ୍ୟ କରୁନାହିଁ। ଏପରି କି ଏଠାରେ କେହି ଟ୍ରାଫିକ ପୋଲିସ କାର୍ଯ୍ୟ କରୁନାହାନ୍ତି। ଫଳରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ତେଣୁ ଅନ୍ୟ ଏକ ରାସ୍ତା ନିର୍ମାଣ ଓ ଟ୍ରାଫିକ ପୋଲିସ ବ୍ୟବସ୍ଥା, ଟ୍ରାଫିକ ସିଗନାଲ ଲାଇଟ୍ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ନେଫୁ ସାଧାରଣ ସମ୍ପାଦକ ବୈରାଗୀ ସେଠ, ନେସ୍ ଉପସଭାପତି ମନୋଜ ସ୍ୱାଇଁ, ଶ୍ରମିକ ନେତା ବାବୁଲି ସେଠୀ ପ୍ରମୁଖ ଦାବି କରିଛନ୍ତି। ଦୁର୍ଘଟଣା ସମ୍ପର୍କରେ ନାଲ୍‌କୋ ଥାନାରେ ଏକ ମାମଲା ରୁଜୁ ହୋଇଛି।



ରାସ୍ତା ଉପରେ ମୃତଦେହ ରଖି ଆନ୍ଦୋଳନ କରାଯାଉଛି।

# ଭତ୍ତା ପାଇବାରେ ହେଉଛି ସମସ୍ୟା





ଆଠମଲ୍ଲିକ, ୧।୭(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଏନ୍‌ଏସିର ବିଭିନ୍ନ ୱାର୍ଡରେ ଥିବା ହିତାଧିକାରୀଙ୍କ ମଧରୁ କେତେଜଣ ଭତ୍ତା ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବିଶେଷକରି ଗତ ୩/୪ ମାସ ହେଲା ଏହି ଅସୁବିଧା ସୃଷ୍ଟି ହୋଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ୪ ନମ୍ବର ୱାର୍ଡ ହିଣ୍ଡୋଳ ସାହିର ଅକ୍ଷୟ ବେହେରା ୩ ମାସ, ହାଡ଼ିବନ୍ଧୁ ମହାକୁଡ଼ ୩ ମାସ, ଭଗବତୀ ବିଶି ୩ ମାସ, ୧୧ ନମ୍ବର ୱାର୍ଡ ବରଗାଁ ଗ୍ରାମର ରୋହିତାଶ୍ୱ ଭୁକ୍ତା ୩ ମାସ, ଜାନକୀ ନାଏକ ୨ ମାସ ହେଲା ଭତ୍ତା ପାଇ ନ ଥିବା କହିଛନ୍ତି। ସେହିପରି ଆଉ କେତେଜଣ ହିତାଧିକାରୀଙ୍କୁ ଏକ ମାସର ଭତ୍ତା ଦିଆଯାଇଥିବା ବେଳେ ପୂର୍ବ ୨ ମାସର ଭତ୍ତା ମିଳିନାହିଁ। ଏ ସମ୍ପର୍କରେ ଏନଏସି ପ୍ରୋଗ୍ରାମ ଆସିଷ୍ଟାଣ୍ଟ ରମା ବିଶ୍ୱାଳ କହିଛନ୍ତି, ହିତାଧିକାରୀମାନେ ଭତ୍ତା ପାଇବାରେ କିଛିଟା ସମସ୍ୟା ହେଉଛି। ଯେଉଁ ହିତାଧିକାରୀ ୨/୩ଟି ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଆଧାର କାର୍ଡ ସଂଯୋଗ କରିଛନ୍ତି ଓ ଅନ୍ୟାନ୍ୟ ସରକାରୀ ଯୋଜନାରେ ଆଧାର କାର୍ଡ ଲିଙ୍କ କରିଛନ୍ତି, କେବଳ ସେହିମାନଙ୍କ କ୍ଷେତ୍ରରେ ଏପରି ସମସ୍ୟା ଦେଖାଯାଉଛି। ଏପରି ୧୭ଟି ଅଭିଯୋଗର ସମାଧାନ କରାଯାଇସାରିଛି। ଏ ନେଇ ହିତାଧିକାରୀମାନେ ଏନ୍‌ଏସିରେ ଅଭିଯୋଗ କଲେ ସମାଧାନ କରାଯିବ।

# ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ଲଗାନ୍ତୁ



ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ବନବିଭାଗ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ରମାନେ।

ବଇଣ୍ଡା, ୧।୭(ପରିକ୍ଷିତ ସାହୁ)

ବ୍ୟାପକ ବୃକ୍ଷ ଛେଦନ ଯୋଗୁ ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଉଛି। ଏଥିପାଇଁ ଆଗାମୀ ଦିନରେ ଅନେକ ସମସ୍ୟା ସୃଷ୍ଟି ହେବା ସମ୍ଭାବନା ରହିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏ ଚାରା ଲଗାଇବା ଜରୁରୀ ବୋଲି ଶନିବାର ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଶିଶୁମନ୍ଦିରରେ ଅନୁଷ୍ଠିତ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ ଯୋଗଦେଇ ଚାରା ଲଗାଇବା ସହ ସମସ୍ତେ ଚାରା ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଫରେଷ୍ଟର ସଞ୍ଜୟ ବେହେରା, ଗଜାନନ ସାହୁ, ଦୀପ୍ତିମୟୀ ସାହୁ, ଲିଜିଲି ବିଶ୍ୱାଳ, ଶ୍ରଦ୍ଧାଞ୍ଜଳିପ୍ରଧାନ ପ୍ରମୁଖ ଯୋଗଦେଇ ଚାରା ଲଗାଇଥିଲେ। ଏଥିରେ ବିଭିନ୍ନ ପ୍ରକାରର ୧୨୦ଟି ଚାରା ଲଗାଯାଇଥିଲା। ଏଥିସହ ୨୦୦ ଚାରା ବଣ୍ଟନ କରାଯାଇଥିଲା। ଏଥିରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚନ

ଅନୁଗୋଳ, ୧।୭(ଅମିତ କୁମାର ସାମଲ)

ରୋଟାରି କ୍ଲବ ଅନୁଗୋଳ ଚଳିତବର୍ଷ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ତେବେ ଏଥିପୂର୍ବରୁ ଶନିବାର ଅନୁଷ୍ଠିତ ଏକ ବୈଠକରେ ସୁବର୍ଣ୍ଣ ଜୟନ୍ତୀ ଲୋଗୋକୁ ଉନ୍ମୋଚନ କରାଯାଇଛି। କ୍ଲବ ସଭାପତି ଡା. ଧରଣୀଧର ନାଥ, ସମ୍ପାଦକ ଉଲ୍ଲାସଚନ୍ଦ୍ର ଚମ୍ପତିରାୟ, ସଦସ୍ୟ ନିର୍ମଳ କୁମାର ମିଶ୍ର, ସ୍କୁଲ ଅଧକ୍ଷ ନିଖିଳ ରଞ୍ଜନ ମିଶ୍ର, ଯଜ୍ଞେଶ ନାରାୟଣ ମିଶ୍ର, କିଶୋର କୁମାର ଦେହୁରୀ, ସୁଜିତ କୁମାର ସାହୁ, ଚିଦାନନ୍ଦ ମିଶ୍ର, ଡା. ଦିଲୀପ କୁମାର ସିଂହଙ୍କ ଉପସ୍ଥିତିରେ ଏହି ଲୋଗୋ ଉନ୍ମୋଚନ ହୋଇଥିଲା। ଉକ୍ତ ଲୋଗୋ କ୍ଲବର ବୁଲେଟିନ, ସୋଭିନିୟର ଆଦି ବିଭିନ୍ନ ପ୍ରକାଶନି, କ୍ଲବ ପତାକାରେ ସ୍ଥାନିତ କରାଯିବ। ଏହି ଲୋଗୋକୁ ଅର୍ଜୁନ ଚରଣ ସାହୁ ତିଆରି କରିଥିବା କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।




ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚନ କରାଯାଉଛି।

# ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମ୍ପର୍କରେ ଆଲୋଚନା

ଛେଣ୍ଡିପଦା, ୧।୭ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଆଶିଷ ପାଣିଙ୍କ ନେତୃତ୍ୱରେ ଆୟୋଜିତ ସମିତି ବୈଠକରେ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଓ କର୍ମଚାରୀ ଉପସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନ ଉପରେ ଆଲୋଚନା କରିଥିଲେ। ମୁଖ୍ୟତଃ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ ହସ୍ପିଟାଲ ଭିତ୍ତିଭୂମି ନିର୍ମାଣ, ଡାକ୍ତରଖାନା ସମ୍ପ୍ରସାରଣ ପାଇଁ ନିକଟସ୍ଥ ଖେଳ ପଡିଆ ଜମି ପ୍ରଦାନ କରିବାକୁ ତହସିଲଦାରଙ୍କୁ କୁହାଯାଇଥିଲା। ସେହିପରି ସର୍ଜରି ବିଭାଗ ପାଇଁ ଆବଶ୍ୟକ ଯନ୍ତ୍ରପାତି ଆମ ହସ୍ପିଟାଲ ପାଣ୍ଠିରୁ ଯୋଗାଇ ଦେବା ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ଡାକ୍ତରଖାନା କର୍ମଚାରୀମାନଙ୍କ ପାଇଁ ସରକାରୀ ବାସଗୃହ, ଆହାର କେନ୍ଦ୍ର ଖୋଲାଯିବା ନିମନ୍ତେ ପ୍ରସ୍ତାବ ରଖାଯାଇଥିଲା। କାୟାକଳ୍ପରେ ନାମ ସ୍ଥାନିତ କରାଯିବା ପାଇଁ ଉଦ୍ୟମ କରାଯିବ ବୋଲି ସ୍ଥିର ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧରେ ତହସିଲଦାର ମାନସ ରଥ, ବିଡିଓ ତ୍ରିବିକ୍ରମ କୁମୁରା, ଡାକ୍ତର ଚିତ୍ତରଞ୍ଜନ ସାହୁ, ସିଡିପିଓ ସୁଷମା ନାୟକ, ଏବିଓ ଶିବ ସାହୁ, ସରପଞ୍ଚ ଉଦିତ କୁମାର ପ୍ରଧାନ, ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଏବଂ ରୋଗୀ କଲ୍ୟାଣ ସମିତିର ସଭ୍ୟ ପ୍ରଦୀପ କୁମାର ସାହୁ, ଲକ୍ଷ୍ମଣ ବେହେରା, ଆଜୀବନ ସଭ୍ୟ ଦିଲୀପ କୁମାର ସାହୁ, ବାନାମ୍ବର ସାହୁ, ସଭ୍ୟା ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆକାଉଣ୍ଟାଣ୍ଟ ନିରାକାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ରାଜନେତା, ଡାକ୍ତର ଓ ପ୍ରଶାସନିକ ଅଧିକାରୀମାନେ।

# ଆଶ୍ରମ ଅନ୍ତେବାସୀଙ୍କୁ ମଧାହ୍ନଭୋଜନ

ଅନୁଗୋଳ, ୧।୭(ଅମିତ କୁମାର ସାମଲ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜୁଲାଇ ୧ ତାରିଖରେ ଡାକ୍ତର ଦିବସ ଏବଂ ସିଏ ଦିବସ ରୋଟାରି କ୍ଲବ ଅନୁଗୋଳ ରୟାଲ ପକ୍ଷରୁ ପାଳନ କରାଯାଇଛି। କ୍ଲବର ନୂତନ ସଭାପତି ଡାକ୍ତର ମାଇକେଲ ଜନଙ୍କ ନେତୃତ୍ୱରେ ରାଜ୍ୟ ଆଇଏମ୍ଏ ସଭାପତି ଡାକ୍ତର ପ୍ରଭାତ କୁମାର ପଣ୍ଡା, ଆଇଏମ୍ଏ ଅନୁଗୋଳ ଶାଖା ସଭାପତି ଡାକ୍ତର ତରୁଣ କୁମାର ସାହୁ ଏବଂ ସିଏ ଅମିତ ଅଗ୍ରୱାଲଙ୍କୁ ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସମ୍ପାଦକ କୈଳାଶ ଚନ୍ଦ୍ର ଅଗ୍ରୱାଲ, ମଧୁ ଗୁପ୍ତା, ବିଶ୍ୱଜିତ ପଟ୍ଟନାୟକ, ଡାକ୍ତର ବିଶ୍ୱଜିତ ସାମଲ, ଡାକ୍ତର ଦେବାଶିଷ ପ୍ରଧାନ, ଡାକ୍ତର କୁମାର ସୌମ୍ୟକାନ୍ତ ବିଶୋଇ, ମୁରାରୀଲାଲ ଅଗ୍ରୱାଲ, ମିଲନ କୁମାର ଅଗ୍ରୱାଲ, ଉର୍ମିଳା ଅଗ୍ରୱାଲ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଏହି ଅବସରରେ କ୍ଲବ ତରଫରୁ ସୁସୁଡାସ୍ଥିତ ମାନବ ସେବା ଆଶ୍ରମ ଅନ୍ତେବାସୀଙ୍କୁ ମଧାହ୍ନ ଭୋଜନ ଏବଂ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା।




ଆଇଏମ୍ଏ ସଭାପତି, ଅନୁଗୋଳ ଶାଖା ଉପସଭାପତିଙ୍କୁ ସମ୍ମାନିତ କରାଯାଉଛି।

